# NATIONAL NEWS BULLETIN (ODIA)

## 21 September - 2025

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନିର୍ଭରଶୀଳତାରୂପୀ ଶତ୍ରୁକୁ ପରାସ୍ତ କରିପାରିଲେ ଦେଶ ବିକଶିତ ହୋଇପାରିବ; କହିଲେ ପ୍ରଧାନମନ୍ତ୍ରୀ
- ଏଚ୍.ଓ୍ୱାନ୍.ବି ଭିସା କ୍ଷେତ୍ରରେ ଲାଗୁ ନୂଆ ଶୁଳ୍କ କେବଳ ନୂତନ ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଟ୍ରମ୍ପ ପ୍ରଶାସନର ସ୍ପଷ୍ଟୀକରଣ
- ୨୦୨୩ ବର୍ଷ ପାଇଁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇବେ କିମ୍ବଦନ୍ତୀ ଅଭିନେତା ମୋହନ ଲାଲ
- ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଟିକସରେ ସରଳୀକରଣ କରିଛନ୍ତି କେନ୍ଦ୍ର ସରକାର

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଆଜି ସୁପର-୪ ପର୍ଯ୍ୟାୟରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ

# ପିଏମ୍- ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ସବୁଠୁ ବଡ଼ ଶତ୍ରୁ ହେଉଛି ଅନ୍ୟ ଦେଶ ଉପରେ ନିର୍ଭର କରିବା । ଏହି ନିର୍ଭରଶୀଳତା ରୂପୀ ଶତ୍ରୁକୁ ପରାସ୍ତ କରିପାରିଲେ ଦେଶ ବିକଶିତ ହୋଇପାରିବ ବୋଲି ସେ କହିଛନ୍ତି । ଗତକାଲି ଗୁଜୁରାଟର ଭାବନଗରଠାରେ 'ସମୁଦ୍ରରୁ ସମୃଦ୍ଧି' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର ଚିପ୍ସଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି ।

**V/O–PM-Modi on enemies**

ସେ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କ ଭବିଷ୍ୟତକୁ ବାହ୍ୟ ଦେଶ ଉପରେ ନିର୍ଭରଶୀଳ କରାଯାଇପାରିବ ନାହିଁ । ସେ କହିଛନ୍ତି, ୧୦୦ଟି ଅସୁବିଧାର ଗୋଟିଏ ମାତ୍ର ସମାଧାନ ଏବଂ ତାହା ହେଉଛି ଆତ୍ମନିର୍ଭର ଭାରତ । ବାହ୍ୟ ଦେଶ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଆହ୍ୱାନଗୁଡ଼ିକର ମୁକାବିଲା କରିବା ଏବଂ ବାସ୍ତବରେ ଆତ୍ମନିର୍ଭର ହେବା ବର୍ତ୍ତମାନର ଆବଶ୍ୟକତା ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O–PM-Modi on Atmanirvar Bharat**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ଏକ ସାମୁଦ୍ରିକ ମହାଶକ୍ତି ରୂପେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ । ୨୦୪୭ ସୁଦ୍ଧା ଭାରତର ସାମୁଦ୍ରିକ ବାଣିଜ୍ୟ ବୈଶ୍ୱିକ କ୍ଷେତ୍ରରେ ତିନି ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ

ରଖାଯାଇଛି । ଭାରତର ସାମୁଦ୍ରିକ ଶକ୍ତିର ଇତିହାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଐତିହ୍ୟକୁ ପୁନରୁଦ୍ଧାର କରିବା ଏବଂ ଦେଶକୁ ବିଶ୍ୱ ସାମୁଦ୍ରିକ ଶକ୍ତି ଭାବରେ ପରିଣତ କରିବା ପାଇଁ ଦୃଢ଼ତାର ସହିତ କାର୍ଯ୍ୟ ଜାରି ରହିଛି ।

ଦେଶର ସମୁଦ୍ରକୂଳ ଭବିଷ୍ୟତ ଅଭିବୃଦ୍ଧିର ପ୍ରବେଶ ଦ୍ୱାର ହେବ । ପରବର୍ତ୍ତୀ ପିଢ଼ି ସଂସ୍କାର ସାମୁଦ୍ରିକ କ୍ଷେତ୍ରକୁ ମଧ୍ୟ ଗତିଶୀଳ କରିବ । ଏକ ରାଷ୍ଟ୍ର, ଏକ ବନ୍ଦର ପ୍ରକ୍ରିୟା ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ନୂତନ ବନ୍ଦର ବିକାଶ, କାର୍ଯ୍ୟକ୍ଷମ ବନ୍ଦରଗୁଡ଼ିକର ଭିତ୍ତିଭୂମି ବିସ୍ତାର ଏବଂ କ୍ରୁଜ୍ ପର୍ଯ୍ୟଟନକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

ସାମୁଦ୍ରିକ ଐତିହ୍ୟକୁ ସଂରକ୍ଷଣ କରି ରଖିବା ଲକ୍ଷ୍ୟ ନେଇ ସରକାର ଲୋଥାଲଠାରେ ଏକ ଜାତୀୟ ସାମୁଦ୍ରିକ ଐତିହ୍ୟ ସଂଗ୍ରହାଳୟ ସ୍ଥାପନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗୁଜରାଟ ଗସ୍ତ ଅବସରରେ ଶ୍ରୀ ମୋଦୀ ଅହମଦାବାଦ୍ ନିକଟବର୍ତ୍ତୀ ପ୍ରାଚୀନ ସହର ଲୋଥାଲ ପରିଦର୍ଶନ କରି ଜାତୀୟ ସାମୁଦ୍ରିକ ଐତିହ୍ୟ ସଂରକ୍ଷଣ ପ୍ରତିଷ୍ଠାନ ନିର୍ମାଣର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ୪ ହଜାର

୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଐତିହ୍ୟ ସଂରକ୍ଷଣ ସ୍ଥଳୀ ବିକଶିତ କରାଯାଉଛି ।

## ୟୁଏସ୍-ଏଚ୍‌ୱାନ୍‌ବି ଭିଜା କ୍ଲାରିଫିକେସନ୍

ଆମେରିକା ସରକାରଙ୍କ ପକ୍ଷରୁ **H1B** ଭିସା କ୍ଷେତ୍ରରେ ନୂଆ ଶୁଳ୍କ ଲାଗୁ ନେଇ ସ୍ପଷ୍ଟୀକରଣ ଦିଆଯାଇଛି । ଗତକାଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନିର୍ଦ୍ଦେଶାବଳୀରେ ସ୍ୱାକ୍ଷର କରିବା ପରେ **H1B** ଭିସା ଉପରେ ୧ ଲକ୍ଷ ଡଲାର ଫି' ଲାଗୁ ହୋଇଥିଲା । ତେବେ ଏହାକୁ ନେଇ ଆମେରିକାରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଥିବା ବୃତ୍ତିଗତ କୁଶଳୀ ଶ୍ରମିକଙ୍କ ଉପରେ ଅଧିକ ଶୁଳ୍କ ଲାଗୁ ହେବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା । ତେବେ ଏହା କେବଳ ନୂଆ ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁ ହେବ ଏବଂ ଗୋଟିଏ ଥର ଏହି ବର୍ଦ୍ଧିତ ଦେୟ ଦେବାକୁ ପଡ଼ିବ ବୋଲି କୁହାଯାଇଛି । ହ୍ୱାଇଟ ହାଉସ୍‌ର ଗଣମାଧ୍ୟମ ସଚିବ କେରୋଲିନ୍ ଲେଭିଟ୍ କହିଛନ୍ତି, ଆଜିଠାରୁ ଏହି ବର୍ଦ୍ଧିତ ଭିସା ଦେୟ ଲାଗୁ ହୋଇଛି । ଏକ ପୋଷ୍ଟରେ ସେ କହିଛନ୍ତି, ଯେଉଁମାନଙ୍କ ପାଖରେ **H1B** ଭିସା ଅଛି ଏବଂ ସେମାନେ ଦେଶ ବାହାରେ ଅଛନ୍ତି, ସେ କ୍ଷେତ୍ରରେ ପୁଣି ଆମେରିକାକୁ ପ୍ରବେଶ କରିବାକୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅନ୍ୟପକ୍ଷରେ **H1B** ଭିସା ଧାରକମାନଙ୍କୁ ଏହାର ନବୀକରଣ କ୍ଷେତ୍ରରେ ମଧ୍ୟ କୌଣସି ଅସୁବିଧାର ସାମ୍ନା କରିବାକୁ ପଡ଼ିବ ନାହିଁ ।

ଅନ୍ୟପକ୍ଷରେ **H1B** ଭିସା ଧାରକମାନଙ୍କୁ ଅନ୍ୟ ଦେଶରୁ ଆମେରିକାକୁ ଯିବା ଉପରେ କୌଣସି କଟକଣା ଜାରି କରାଯାଇନାହିଁ ବୋଲି ସେ କହିଛନ୍ତି। ନୂଆ ନିୟମ ଆସନ୍ତା ଲଟେରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାର କରାଯାଉଥିବା ତ୍ରୁଟିପୂର୍ଣ୍ଣ ସମ୍ବାଦକୁ ଖଣ୍ଡନ କରାଯାଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି, **H1B** ଭିସା ଦେୟ ବୃଦ୍ଧି କେବଳ ନୂତନ ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁ ହେବ। ଗତକାଲି ଆମେରିକା ରାଷ୍ଟ୍ରପତି ଏହି ନିର୍ଦ୍ଦେଶାବଳୀରେ ଦସ୍ତଖତ କରିବା ପରେ ୧ ଲକ୍ଷ ଡଲାର, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮୮ ଲକ୍ଷରୁ ଅଧିକ ଟଙ୍କା ଲାଗୁ ହୋଇଛି। ଏହାଦ୍ୱାରା ବାସ୍ତବରେ ଦକ୍ଷ ବୃତ୍ତିଗତ କୁଶଳୀ ଶ୍ରମିକ ଆମେରିକା ଯାଇ ସେଠାରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବେ ଏବଂ ଆମେରିକାର ଶ୍ରମିକମାନଙ୍କ ପ୍ରତି କୌଣସି ବିପଦ ସୃଷ୍ଟି କରିବେ ନାହିଁ। ସୂଚନା ଅନୁଯାୟୀ, ଗତ ବର୍ଷ **H1B** ଭିସାରେ ଭାରତର ସର୍ବାଧିକ ପ୍ରାୟ ୭୧ ପ୍ରତିଶତ ବୃତ୍ତିଗତ କୁଶଳୀ ଶ୍ରମିକ ଆମେରିକାରେ କାର୍ଯ୍ୟ

କରୁଥିବା ବେଳେ ଚୀନ୍‌ର ୧୧ ଦଶମିକ ୭ ପ୍ରତିଶତ କୁଶଳୀ ଶ୍ରମିକ ସେଠାରେ କାର୍ଯ୍ୟ କରୁଛନ୍ତି ।

## ମୋହନଲାଲ–ଦାଦା ସାହେବ ଫାଲକେ

କିମ୍ବଦନ୍ତୀ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମୋହନଲାଲଙ୍କୁ ୨୦୨୩ ବର୍ଷ ପାଇଁ ପ୍ରତିଷ୍ଠିତ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦାଦା ସାହେବ ଫାଲ୍‌କେ ପୁରସ୍କାର ଚୟନ କମିଟିର ସୁପାରିସକ୍ରମେ ସରକାର ଭାରତୀୟ ସିନେମାରେ ଅନନ୍ୟ ଅବଦାନ ପାଇଁ ମଲୟାଲମ୍ ଅଭିନେତା ମୋହନଲାଲଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଏହି ପୁରସ୍କାର ପାଇଁ ମନୋନୀତ ହେବା ପରେ ଅଭିନେତା ମୋହନ ଲାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, କେରଳର ଆଦିପୋଲ୍ଲୀରୁ ବିଶ୍ୱବ୍ୟାପୀ ଦର୍ଶକଙ୍କ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟରେ ଭାରତୀୟ ସଂସ୍କୃତି ଏବଂ ଆକାଂକ୍ଷା ଦୃଢ଼ ଭାବେ ପ୍ରତିଫଳିତ ହୋଇଛି । ଶ୍ରୀ ମୋହନଲାଲଙ୍କ ସୃଜନଶୀଳତା’ ଭବିଷ୍ୟପିଢ଼ି ପାଇଁ ପ୍ରେରଣାଦାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ପିଲାଟି ବେଳରୁ ଚଳଚ୍ଚିତ୍ରରେ ଅଭିନୟ କରିଥିବା ମୋହନ ଲାଲ ମଲୟାଲମ୍, ତାମିଲ, ତେଲୁଗୁ, କନ୍ନଡ଼ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ

କରିଛନ୍ତି। ତାଙ୍କ ଅତୁଳନୀୟ ପ୍ରତିଭା ଏବଂ କଠିନ ପରିଶ୍ରମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

ଭାରତ ସରକାର ୨୦୦୧ରେ ଅଭିନେତା ମୋହନ ଲାଲଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣରେ ସମ୍ମାନିତ କରିଥିଲେ। ପ୍ରଯୋଜକ ଭାବରେ ତାଙ୍କ ଚଳଚ୍ଚିତ୍ର 'ବାନପ୍ରସ୍ଥମ' ସର୍ବୋତ୍ତମ ଫିଚର ଫିଲ୍ମ ପୁରସ୍କାର ଲାଭ କରିଥିଲା। ଚଳିତ ମାସ ୨୩ ତାରିଖରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ମୋହନ ଲାଲଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନେତା ମୋହନ ଲାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ମୋହନ ଲାଲ ହେଉଛନ୍ତି, ମଲୟାଲମ ସିନେମା ଏବଂ ଥିଏଟର୍‌ର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ। ତାଙ୍କର କେରଳ ସଂସ୍କୃତି ପ୍ରତି ଗଭୀର ଆଗ୍ରହ ରହିଛି। ସେ ବିଭିନ୍ନ ଭାଷାର ଚଳଚ୍ଚିତ୍ର ଜରିଆରେ ତାଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିପାରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଭିନେତା ମୋହନ ଲାଲଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କ ଅବଦାନର ଶ୍ରେଷ୍ଠ ନିଦର୍ଶନ ଭାବେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ଅଭିନୀତ ଚଳଚ୍ଚିତ୍ରଗୁଡ଼ିକ ଏକ ନୂତନ ମାନଦଣ୍ଡ ସ୍ଥାପନ

କରିଛି ଏବଂ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡା ଅଭିନେତା ମୋହନ ଲାଲଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ନିଜର ଅଭିନୟରେ କୋଟି କୋଟି ଦର୍ଶକଙ୍କୁ ବାନ୍ଧି ରଖିଥିବା ଅଭିନେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଥିବାରୁ ଆଗାମୀ ପିଢ଼ି ଅନୁପ୍ରାଣିତ ହେବେ ।

## ସେବା ପର୍ବ – ଟ୍ୟାକ୍ସ ସରଳୀକରଣ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ସାଧାରଣ ନାଗରିକଙ୍କ ପାଇଁ ଟିକସ କ୍ଷେତ୍ରରେ ସରଳୀକରଣ କରିବା ସହ ନିଶ୍ଚିତ ପେନସନ୍ ବ୍ୟବସ୍ଥା କରିଛନ୍ତି ।

ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ଜୀବନରେ ବାସ୍ତବରେ ପରିବର୍ତ୍ତନ ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆୟକର ହାରରେ ସରଳୀକରଣ କରିବା ସହ ଲୋକମାନେ ଯେଭଳି ଅଧିକ ସଞ୍ଚୟ କରିପାରିବେ, ସେ ନେଇ

ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି। ୨୦୨୫-୨୬ କେନ୍ଦ୍ର ବଜେଟ୍‌ରେ ସରକାର ଦେଶର ବିକାଶକୁ ଦୃଷ୍ଟିରେ ରଖି ଯେଉଁ ଘୋଷଣାମାନ କରିଛନ୍ତି, ତାହା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିଛି। ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଆୟକର ଟିକସ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

କେନ୍ଦ୍ରୀୟ ବଜେଟ୍ ଆଗତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତାରେ କହିଥିଲେ, ସରକାର ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଯେଭଳି ଆୟକର ଟିକସରୁ ରିହାତି ମିଳିପାରିବ, ସେ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି।

***Voice (PM - On Tax)***

ଟିକସ ବ୍ୟବସ୍ଥାକୁ ଆହୁରି ସହଜ କରିବାକୁ ଯାଇ ବ୍ୟକ୍ତିଗତ ଟିକସଦାତାମାନଙ୍କ ପାଇଁ ଆୟକର ଫେରସ୍ତ ଲାଗି ପ୍ରାକ୍ ପ୍ରସ୍ତୁତ ଫର୍ମ ବ୍ୟବସ୍ଥା କରାଯାଇଛି। ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଶେଷ କରି ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ଲାଗି କେନ୍ଦ୍ର କ୍ୟାବିନେଟ୍ ଗତ ବର୍ଷ ଅଗଷ୍ଟ ମାସରେ ଏକୀକୃତ ପେନସନ୍ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରେ ଅବସରର ଶେଷ ୧୨ ମାସରେ ମିଳିଥିବା ଦରମାର ୫୦ ପ୍ରତିଶତ ହିସାବରେ ପେନସନ୍ ବ୍ୟବସ୍ଥା କରାଯାଇଛି। ୨୫ ବର୍ଷ ସରକାରୀ ଚାକିରି କରିଥିଲେ ଏହି

ସୁବିଧା ମିଳିବା ଲାଗି ବ୍ୟବସ୍ଥା ହୋଇଛି। ଏଥିରେ ପ୍ରାୟ ୨୩ ଲକ୍ଷରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀ ଲାଭବାନ ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପେନସନ୍ ବ୍ୟବସ୍ଥାକୁ ସରକାର ଗତ ୧୧ ବର୍ଷ ମଧ୍ୟରେ ଆହୁରି ସରଳୀକରଣ କରି ବୟସ୍କ ନାଗରିକଙ୍କ ସମସ୍ୟା ଦୂର କରି ବିଶ୍ୱାସଭାଜନ ହୋଇପାରିଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର

**Seba Parba Closing**

# କ୍ରିକେଟ

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ସୁପର-୪ ପର୍ଯ୍ୟାୟରେ ଆଜି ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟଥର ଲାଗି ଉଭୟ ଦେଶ ସାମ୍ନାସାମ୍ନି ହେବେ। ଗତ ସପ୍ତାହରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଆଜିର ମ୍ୟାଚ୍‌ରେ ବିଜୟୀ ଦଳ ଫାଇନାଲ ନିକଟବର୍ତ୍ତୀ ହେବ ବୋଲି ଜଣାପଡ଼ିଛି।

ଭାରତ ୨୧ ରନ୍‌ରେ ଓମାନ୍‌କୁ ପରାସ୍ତ କରି ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବାବେଳେ ପାକିସ୍ତାନ ୪୧ ରନ୍‌ରେ ୟୁଏଇ'କୁ ପରାସ୍ତ କରି ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ଗତ ସନ୍ଧ୍ୟାରେ ସୁପର-୪ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବାଂଲାଦେଶ ୪ ଓ୍ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ୧୬୯ ରନ୍‌ର ପିଛା କରି ବାଂଲାଦେଶ ଗୋଟିଏ ବଲ୍ ବାକି ଥାଇ ୬ ଓ୍ୱିକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୬୮ ରନ୍ ସ୍କୋର କରିଥିଲା। ଏ ପର୍ଯ୍ୟନ୍ତ ଏସିଆ କପ୍ କ୍ରିକେଟ ଭାରତ ୮ଥର ଟାଇଟଲ ହାସଲ କରିଥିବାବେଳେ ଶ୍ରୀଲଙ୍କା ୬ ଥର ଓ ପାକିସ୍ତାନ ୨ ଥର ଟାଇଟଲ ହାସଲ କରିଛି।